# ବିଜ୍ଞାପିତ ଅଞ୍ଚଳ ପରିଷଦ, ନିମାପଡା

ବିଜ୍ଞାପନ ସଂଖ୍ୟା 605 //  ତାରିଖ 20.02.25//

**ସାଧାରଣ ବିଜ୍ଞାପନ**

ଏତଦ ଦ୍ୱାରା, ସର୍ବ ସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଛି ଯେ ପରିଷଦର ବସଷ୍ଟାଣ୍ଡ ର ପଶ୍ଚିମପାର୍ଶ୍ୱ ଦ୍ୱିତଳ ବିଶିଷ୍ଟ (Ground Floor and 1st Floor) ମୋଟ ୧୨ ଗୋଟି ଦୋକାନ ଗୃହଗୁଡିକର ଆବଣ୍ଟନ ନିମନ୍ତେ କେବଳ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଇଛୁକ ଅଧିବାସୀ ମାନଙ୍କ ଠାରୁ ଦିର୍ଦ୍ଧାରିତ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଛୁକ ବ୍ୟକ୍ତି ବିଶେଷ ପରିଷଦ କାର୍ଜ୍ୟାଳୟରେ ଟ. ୫୦୦/-(ପାଞ୍ଚଶତ ଟଙ୍କା) ଦାଖଲ କରି ନିର୍ଦ୍ଧାରିତ ଦରଖାସ୍ତ ଫର୍ମ, ଆବଣ୍ଟନ ସର୍ତ୍ତାବଳୀ,ବିସ୍ତୃତ ବିବରଣୀ ତା.୨୧ . ୦୨ . ୨୦୨୫ ଠାରୁ ତା ୦୭.୦୩. ୨୦୨୫ ରିଖ ସୁଦ୍ଧା (ସରକାରୀ କାର୍ଯ୍ୟ ଦିବସ ମଧ୍ୟରେ) ହସ୍ତଗତ କରି ତା୦୭.୦୩.୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ପରିଷଦ କାର୍ଜ୍ୟାଳୟରେ ଆବଶ୍ୟକ କାଗଜାତ ସହ ଦାଖଲ କରିପାରିବେ । ଅସମ୍ପୂର୍ଣ୍ଣ ଦରଖାସ୍ତ କିମ୍ବା ଧାର୍ଯ୍ୟ ମିଆଦ ପରେ ହସ୍ତଗତ ଦରଖାସ୍ତ କୁ ନାକଚ କରିଦିଆଯିବ । ପୁନଛ କୌଣସି କାରଣ ନଦର୍ଶାଇ ନିମ୍ନ ସ୍ୱାକ୍ଷର କାରୀ ଏହି ଆବଣ୍ଟନ ପ୍ରକ୍ରିୟାକୁ ସଂପୂର୍ଣ୍ଣ ବାତିଲ କରିପାରିବେ ।

20.2.25

କାର୍ଯ୍ୟନିର୍ବାହୀ ଅଧିକାରୀ
ନିମାପଡା ଏନ.ଏ.ସି

Memo No 606 //  Date 20.02.2025//

Copy submitted to the Dy. Director, Advertisement-cum-Dy. Secretary to Govt. , I & PR, Govt. of Odisha, Bhubaneswar for information with request to publish the said Notice in any two odia news paper for one day publication in minimum size & space on due date and submit the Bill in duplicate for Payment.

20.2.25

Executive office
Nimapara NAC

Memo No 607 //  Date 20.02.2025//

Copy submitted to Development section/Establishment Section/Planning Section/ Notice Board and MIS,CP for information.

20.2.25

Executive office
Nimapara NAC

Memo No 608 //        Date 20.02.2025 //

Copy Submitted to Chairperson/Vice Chairperson and All councilor for information.

20.2.25

Executive office
Nimapara NAC

Memo No 609 //        Date 20.02.2025 //

Copy Submitted to the Collector & District Magistrate /P.D DUDA, Puri for information and necessary action.

20.2.25

Executive office
Nimapara NAC

# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ନିମାପଡା

## ବସ ଷ୍ଟାଣ୍ଡ (ପଶ୍ଚିମ ପାର୍ଶ୍ୱ) ଦୁଇତଳ ବିଶିଷ୍ଟ ଦୋକାନ ଗୃହ (ମାର୍କେଟ କଂପ୍ଲେକ୍ସ) ଆବଣ୍ଟନ ନିମନ୍ତେ ଦରଖାସ୍ତ ଫର୍ମ

**କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ**

| ଫର୍ମ ନଂ. | ରସିଦ ନଂ. | ତାରିଖ | ଦରଖାସ୍ତ ଶୁଳ୍କ (ଟ.୫୦୦/-) | ପ୍ରଦାନକାରୀ ଅଧିକାରୀଙ୍କ ସ୍ୱାକ୍ଷର | କାର୍ଯ୍ୟାଳୟ ମୋହର |
|---|---|---|---|---|---|
| | | | | | |

୧) ଦରଖାସ୍ତକାରୀଙ୍କ ସମ୍ପୂର୍ଣ୍ଣ ନାମ : ____________________

୨) ପିତା /ସ୍ୱାମୀଙ୍କ ନାମ : ____________________

୩) ସ୍ଥାୟୀ ବାସ ସ୍ଥାନ ଠିକଣା : ____________________

____________________

ସଦ୍ୟ ଉଠାଯାଇଥିବା ପାସ୍ପୋର୍ଟ ସାଇଜ ଫଟୋ ଲଗାନ୍ତୁ

୪) ବର୍ତ୍ତମାନ ଯୋଗାଯୋଗ ଠିକଣା :
(ମୋବାଇଲ ନଂ. ଓ e-mail Address ) ____________________

____________________

୫) ଆବେଦନ କରୁଥିବା ଦୋକାନ ଗୃହର ମହଲା ସଂଖ୍ୟା :
(Ground Floor / First Floor ) ସବିଶେଷ ବିବରଣୀ ____________________

____________________

୬) ଆବେଦନ କରୁଥିବା ଗୃହ ନଂ. : ____________________

୭) କେଉଁ ପ୍ରକାର ବ୍ୟବସାୟ ନିମନ୍ତେ ଆବେଦନ କରୁଛନ୍ତି : ____________________
(ବିସ୍ତୃତ ବିବରଣୀ ପ୍ରଦାନ କରିବେ)

୮) ବର୍ତ୍ତମାନର ପେସା : ____________________

୯) ବ୍ୟବସାୟିକ ଅଭିଜ୍ଞାତା (ଯଦି କିଛି ଥାଏ ) : ____________________

୧୦) ବାସ ସ୍ଥାନ / ପରିଚୟ ପ୍ରମାଣ ପତ୍ର (Residence Certificate /
ଆଧାର/ପାନ କାର୍ଡ /ଭୋଟର ପରିଚୟ ପତ୍ର) : ____________________

୧୧) ସଂଲଗ୍ନ କରିଥିବା ପରିଚୟ ପ୍ରମାଣ ପତ୍ରର ବିସ୍ତୃତ ବିବରଣୀ : ____________________

୧୨) **ଘୋଷଣା ନାମା :**

ଆମ୍ଭେ ଶ୍ରୀ /ଶ୍ରୀମତୀ /କୁମାରୀ ____________________ ପିତା /ସ୍ୱାମୀ ____________________
ସା ____________________ ଥା ____________________ ପୋ ____________________ ୱାର୍ଡ ନଂ. ______ ପିନ ନଂ. ____________ ଜିଲ୍ଲା ପୁରୀ, ଓଡିଶା ଏତଦ୍ୱାରା ଘୋଷଣା କରୁଅଛୁକି, ଏଥିସହିତ ମୋ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ତଥ୍ୟ/ ଦସ୍ତାବିଜ/ କାଗଜାତ ମୋ ଜାଣିବାରେ ସମ୍ପୂର୍ଣ୍ଣ ସତ୍ୟ ଓ ବିଶ୍ୱାସର ଶ୍ରେଷ୍ଠ ଅଟେ । ଏଥିସହିତ ପୁନର୍ବାର ଘୋଷଣା କରୁଅଛିକି, ମୁଁ କୌଣସି ତଥ୍ୟ ଲୁଚାଇବା ଅଥବା ବିଭ୍ରାନ୍ତିକର ଭାବେ ପ୍ରଦାନ କରିନାହିଁ । ଯଦି ଏହା ପ୍ରମାଣିତ ହୁଏ ତେବେ ମୋ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ଗୃହ ଆବଣ୍ଟନ (ଯଦି ହୋଇଥାଏ ) ତେବେ ସ୍ୱତଃ ବାତିଲି ହୋଇଯିବ । ପୂନଶ୍ଚ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ତା ୧୦.୦୪.୨୦୨୨ ଓ ୧୭.୦୧.୨୦୨୫ ସାଧାରଣ ଅଧିବେଶନ ନିଷ୍ପତି ଏବଂ ଦୋକାନ ଗୃହ ଆବଣ୍ଟନ ମାର୍ଗଦର୍ଶିକା ଏବଂ ନିୟମାବଳୀ ମୁଁ ଭଲଭାବରେ ପଢି, ବୁଝି ଓ ଶୁଣି ଆବେଦନ କରୁଅଛି ।

ସ୍ଥାନ :

**ଦରଖାସ୍ତକାରୀଙ୍କ ସ୍ୱାକ୍ଷର**

ତାରିଖ :

Annexure - I

# ବସ ଷ୍ଟାଣ୍ଡ (ପଶ୍ଚିମ ପାର୍ଶ୍ୱ ) ଦୁଇତଳ ବିଶିଷ୍ଟ ଦୋକାନ ଗୃହ (ମାର୍କେଟ କଂପ୍ଲେକ୍ସ) ଆବଣ୍ଟନ ମାର୍ଗଦର୍ଶିକା ଓ ସର୍ତ୍ତାବଳି

୧) ଆବଣ୍ଟନ ନିୟମାବଳୀ

i ) ଆବେଦନକାରୀ, ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଇଲାକାର ସ୍ଥାୟୀ ବାସିନ୍ଦା ହୋଇଥିବା ବାଞ୍ଛନିୟ ।

ii ) ଆବେଦନକାରୀ ସରକାରୀ କର୍ମଚାରୀ କିମ୍ବା ସରକାରୀ ଅନୁଦାନ ପ୍ରାପ୍ତ କର୍ମଚାରୀ ହୋଇନଥିବେ ।

iii) ଆବେଦନକାରୀ ପରିଷଦରୁ ପୂର୍ବରୁ ମାର୍କେଟ ଗୃହ କିମ୍ବା ଭେଣ୍ଡିଂ ଜୋନ ଗୃହ ଭଡା ନେଇନଥିବା ଆବଶ୍ୟକ ।

iv)ଆବେଦନକାରୀ ଦରଖାସ୍ତ ସହିତ ସଂଲଗ୍ନ ସର୍ତ୍ତାବଳି, ମାର୍ଗଦର୍ଶିକା ଓ ଦୋକାନ ଗୃହ (ମାର୍କେଟ କଂପ୍ଲେକ୍ସ)ର ବିବରଣୀ ଭଲ ଭାବରେ ପଢ଼ି ଦରଖାସ୍ତ ପୂରଣ କରିବେ । ଅସମ୍ପୂର୍ଣ୍ଣ, ଉପଯୁକ୍ତ କାଗଜାତ ନଥିବା କିମ୍ବା ଯୋଗ୍ୟତା ନଥିବା ଦରଖାସ୍ତକୁ ନାକଚ କରିଦିଆଯିବ ।

v) ପରିବାରରୁ ଏକାଧିକ ସଦସ୍ୟ ଆବେଦନ କରିପାରିବେ ନାହିଁ ।

vi) କୌଣସି କାରଣ ନଦର୍ଶାଇ କର୍ତ୍ତୃପକ୍ଷ ବଣ୍ଟନ ପ୍ରକ୍ରିୟାକୁ ବାତିଲି କରିପାରିବେ ।

vii) ହିତାଧିକାରୀ ମାନଙ୍କୁ ମାର୍କେଟ ଗୃହ ଆବଣ୍ଟନ କେବଳ ଲଟେରୀ ମାଧ୍ୟମରେ ସ୍ଥିର କରାଯିବ । ଏଥିନିମନ୍ତେ ଅନ୍ୟ କୌଣସି ବିକଳ୍ପ ଗ୍ରହଣୀୟ ହେବ ନାହିଁ । ପୂନଶ୍ଚ ବହୁତଳ ବିଶିଷ୍ଟ ମାର୍କେଟ କଂପ୍ଲେକ୍ସ ଗୃହ କ୍ଷେତ୍ରରେ ପ୍ରଥମ ମହଲାରୁ ଆରମ୍ଭ କରାଯିବ ।

Viii ) ଲଟେରୀ ଡକାଣ କ୍ରମିକ ନଂ. କର୍ତ୍ତୃପକ୍ଷଙ୍କ ନିଷ୍ପତି ମୁତାବକ ଡକାଯିବ

ix) ଯଦି ଦରଖାସ୍ତକାରୀ ଇଛା କରନ୍ତି ଏକାଧିକ ଗୃହ ନିମନ୍ତେ ଆବେଦନ କରିପାରିବେ । ପ୍ରତେକ ଗୃହ ନିମନ୍ତେ ପୃଥକ ଭାବରେ ଆବେଦନ ଫର୍ମ ଓ ଆବେଦନ ଶୁଳ୍କ (ଅଣ ଫେରସ୍ତ) ପ୍ରଦାନ କରିବାକୁ ପଡିବ । ମାତ୍ର କୌଣସି ଏକ ଗୃହ ନିମନ୍ତେ ଲଟେରୀ ଉଠାଣରେ ସଫଳ ହେଲେ ପରବର୍ତ୍ତୀ ଲଟେରୀ ଡକାଣରେ ଭାଗନେବା ନିମନ୍ତେ ଅଯୋଗ୍ୟ ହେବେ ।

x) କେତଗୋଟି ଗୃହ ଆବଣ୍ଟନ କରାଯିବ ତାହା କର୍ତ୍ତୃପକ୍ଷ ସ୍ଥିର କରିବେ, ଏ କ୍ଷେତ୍ରରେ କର୍ତ୍ତୃପକ୍ଷ ଙ୍କ ନିଷ୍ପତି ସର୍ବମାନ୍ୟ ହେବ ।

xi ) ମାର୍କେଟ ଗୃହ ଲଟେରୀ ଡକାଣ ବର୍ଗ (ଆକାର ଓ ସ୍ଥାନ) ମୁତାବକ କରାଯିବ ।

xii) ମାର୍କେଟ ଗୃହ ନିମନ୍ତେ ଆବେଦନ ଶୁଳ୍କ ବର୍ତ୍ତମାନ ୫୦୦ /- ଟଙ୍କା (ଅଣ ଫେରସ୍ତ) ରଖାଗଲା । ପରବର୍ତ୍ତୀ ଅବସ୍ଥାରେ ଆବେଦନ ଶୁଳ୍କ ବୃଦ୍ଧି କିମ୍ବା ହ୍ରାସ କର୍ତ୍ତୃପକ୍ଷଙ୍କ ନିଷ୍ପତି ଉପରେ ନିର୍ଭରକରେ ।

xiii) ଲଟେରୀ ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ୬ ମାସର ଘର ଭଡା ଅଗ୍ରିମ ଆକାରରେ ଦାଖଲ କରିବାକୁ ପଡିବ, ଏବଂ ଉକ୍ତ ଅର୍ଥ ରାଶି ଲଟେରୀରେ ଅସଫଳ ଦରଖାସ୍ତକାରୀଙ୍କୁ ଫେରସ୍ତ କରାଯିବ ।

xiv ) ସଫଳ ଗୃହ ଆବଣ୍ଟନକାରୀଙ୍କୁ ୯ ବର୍ଷ ନିମନ୍ତେ ଗୃହ ଆବଣ୍ଟନ କରାଯିବ ଏବଂ ପ୍ରଥମ ୩ ବର୍ଷ ପରେ ୧୦% ହାରରେ ଘର ଭଡା ବୃଦ୍ଧି କରାଯିବ । ତତ୍ପରେ ଶେଷ ୩ ବର୍ଷ ୧୫% ହାରରେ ଘର ଭଡା ବୃଦ୍ଧି କରାଯିବ । ଘର ଭଡା ବୃଦ୍ଧି କିମ୍ବା ହ୍ରାସ ନିଷ୍ପତି କର୍ତ୍ତୃପକ୍ଷଙ୍କ ନିଷ୍ପତି ସର୍ବମାନ୍ୟ ଅଟେ ।

xv ) ସର୍ବନିମ୍ନ ଗୃହ ଆବଣ୍ଟନ ଧାର୍ଯ୍ୟ ଦର ସମ୍ପୃକ୍ତ ସ୍ଥାନ ଓ ବିଲଡିଂର ମହଲା ଅନୁଯାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯିବ ।

xvi) ଭୂମିଷ୍ଠ ମହଲା ଗୃହର (Ground Floor Room) ବର୍ଗ ଫୁଟପ୍ରତି ଦର @ ଟ.୩୦/-, ପ୍ରଥମ ମହଲା ଗୃହର (1st Floor Room) ବର୍ଗ ଫୁଟପ୍ରତି ଦର @ ଟ.୨୫/-, ଦ୍ବତୀୟା ମହଲା ଗୃହର (2nd Floor Room) ବର୍ଗ ଫୁଟପ୍ରତି @ଟ.୨୨.୫୦/- ସ୍ଥିର କରାଗଲା, ଅବଶ୍ୟ ପ୍ରଚଳିତ ମାର୍କେଟ ଦର ଅନୁଯାଇ କର୍ତ୍ତୃପକ୍ଷ ଦର ବୃଦ୍ଧି କିମ୍ବା ହ୍ରାସ ସ୍ଥିର କରିପାରିବେ ।

xvii) ଛୋଟ ଗୃହ ନିମନ୍ତେ ସୁରକ୍ଷିତ ଧନରାଶି ଟ.୫୦,୦୦୦/- ଓ ବଡ ଗୃହ ନିମନ୍ତେ ସୁରକ୍ଷିତ ଧନରାଶି ଟ.୧,୦୦,୦୦୦/- ହିତାଧିକାରୀ ଲଟେରୀ ଉଠାଣ ତାରିଖର ଏକ ସପ୍ତାହ ମଧ୍ୟରେ ଦାଖଲ କରିବେ ନଚେତ ତାଙ୍କର ଆବଣ୍ଟନ ବାତିଲି ହୋଇଯିବା ସଙ୍ଗେ ସଙ୍ଗେ ପୁନର୍ବାର ଲଟେରୀ ଡକାଯିବ । ପୂନଶ୍ଚ ସୁରକ୍ଷିତ ଧନରାଶି ହ୍ରାସ କିମ୍ବା ବୃଦ୍ଧି କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିର କରାଯିବ ଏବଂ ଏହା ସର୍ବମାନ୍ୟ ଅଟେ ।

xviii) ସଫଳ ହିତାଧିକାରୀ ଗୃହ ଆବଣ୍ଟନ ର ସର୍ବାଧିକ ୩ ମାସ ମଧ୍ୟରେ ନିଜର ବ୍ୟବସାୟ ଆରମ୍ଭ କରିବେ, ନଚେତ ତାଙ୍କ ଗୃହ ଆବଣ୍ଟନ ଆପେ ଆପେ ବାତିଲି ହୋଇଯିବ । ପ୍ରତ୍ୟେକ ମାସର ଭଡା ଇଂରାଜୀ କ୍ୟାଲେଣ୍ଡର ୫ମ ତାରିଖ ସୁଦ୍ଧା ପ୍ରଦାନ କରିବେ ନଚେତ ୧୦% ଜୋରିମନା ଆକାରରେ ପରବର୍ତ୍ତୀ ମାସରେ ଦାଖଲ କରିବେ । ପୂନଶ୍ଚ ଏହିଭଳି ୬ ମାସ କଲେ ସମ୍ପୃକ୍ତ ହିତାଧିକାରୀଙ୍କ ଗୃହ ଆବଣ୍ଟନ ଆପେ ଆପେ ବାତିଲି ହୋଇଯିବ ଓ ବକେୟା ଘର ଭଡା ସୁରକ୍ଷିତ ଧନ ରାଶିରୁ ଭରଣା କରାଯିବ ।

xix ) ପ୍ରତେକ ହିତାଧିକାରୀ ନିଜ ଗୃହର ବିଦ୍ୟୁତ ସଂଯୋଗ ପରିଷଦ ସହିତ କରିଥିବା ଚୁକ୍ତିନାମା ଆଧାରରେ, ଉପଯୁକ୍ତ ବିଦ୍ୟୁତ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନକରି ନେଇପାରିବେ, ମାତ୍ର ବିଦ୍ୟୁତ ସଂଯୋଗ ଜନିତ କୌଣସି ବିବାଦ, ବିଲ୍ଲ ପୈଠ ଏବଂ ବକେୟା ରାଶି ଇତ୍ୟାଦି ନିମନ୍ତେ ପରିଷଦ କର୍ତ୍ତୃପକ୍ଷ ଦାଇ ରହିବେ ନାହିଁ ।

xx ) କୌଣସି ହିତାଧିକାରୀ ନିଜ ସପକ୍ଷରେ ଆବଣ୍ଟିତ ହୋଇଥିବା ଗୃହକୁ କୌଣସି ପରିସ୍ଥିତିରେ, କୌଣସି ବ୍ୟକ୍ତିକୁ ଭଡା ସୂତ୍ରରେ ପ୍ରଦାନ କରିପାରିବେ ନାହିଁ, ଯଦି ଏହା ପ୍ରାମାଣିତହୁଏ ତେବେ ସମ୍ପୃକ୍ତ ହିତାଧିକାରୀଙ୍କ ସପକ୍ଷରେ ଆବଣ୍ଟିତ ହୋଇଥିବା ଗୃହ ଆପେ ଆପେ ବାତିଲି ହୋଇଯିବା ସଙ୍ଗେ ସଙ୍ଗେ ସୁରକ୍ଷା ଜମା ରାଶିରୁ ଶତକଡା ୫୦ ଜୋରିମାନା ଆକାରରେ କାଟି ଦିଆଯିବ ।

xxi ) ପ୍ରତେକ ହିତାଧିକାରୀ ଙ୍କୁ ଗୃହ ଆବଣ୍ଟିତ ହେବାର ୧ ମାସ ମଧ୍ୟରେ ପରିଷଦ କର୍ତ୍ତୃପକ୍ଷଙ୍କ ଠାରୁ ବ୍ୟବସାୟିକ ଲାଇସେନସେ (Trad License ) ଅନୁମତି ଆଣିବା ବାଞ୍ଛନିୟ ।

xxii ) ପ୍ରତ୍ୟେକ ଦରଖାସ୍ତ କାରୀଙ୍କୁ ଦୋକାନ ଗୃହ ନିମନ୍ତେ ଆବେଦନ କରିବା ସମୟରେ ଦରଖାସ୍ତରେ ପ୍ରାଞ୍ଜଳ ଭାବରେ ନିଜର ବ୍ୟବସାୟ ବିବରଣୀ ସମ୍ପର୍କରେ ଦରଖାସ୍ତ ଫର୍ମର ଯଥାର୍ଥ ସ୍ଥାନରେ ଉଲ୍ଲେଖ କରିବା ବାଞ୍ଛନିୟ । ମାର୍କେଟ କଂପ୍ଲେକ୍ସ ଗୃହ ତଥା ତତସଂଲଗ୍ନ ଅଞ୍ଚଳର ପରିସ୍କାର ପାରିଛନତା, ସ୍ୱଚ୍ଛତା ଓ ପବିତ୍ରତା ଖୁର୍ଣ୍ଣ କଲାଭଳି ବ୍ୟବସାୟ ଯଥା ମାଛ, ମାଂସ, ଅବକାରୀ ଦ୍ରବ୍ୟ ଓ ଅନ୍ୟାନ୍ୟ ନଷ୍ଟ ହେଇଯାଉଥିବା ଜିନିଷ ର ଦୋକାନ ନିମନ୍ତେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

xxiii ) କୌଣସି ହିତାଧିକାରୀ ଆବଣ୍ଟିତ ଦୋକାନ ଗୃହକୁ ପରିଷଦ କୁ ସମର୍ପଣ କରିବା ପର୍ଯ୍ୟନ୍ତ ଦୋକାନ ଗୃହର ଆବଶ୍ୟକ ରକ୍ଷଣା ବେକ୍ଷଣ କରିବେ ଓ ଯତ୍ନ ନେବେ ଏବଂ ଭିତର ଓ ବାହାର ସଂରଚନା (Structure) କୌଣସି ପ୍ରକାର ପରିବର୍ତ୍ତନ ନକରି ପରିଷଦ କର୍ତ୍ତୃପକ୍ଷଙ୍କ ଅନୁମତି ମୁତାବକ ସଜିକରଣ (Interior design) କରିପାରିବେ ।

xxiv) ମାର୍କେଟ ଗୃହ ଆବଣ୍ଟନ ସମ୍ପର୍କିତ ଯେକୌଣସି ବିବାଦ ପାଇଁ ପରିଷଦ କର୍ତ୍ତୃପକ୍ଷ ନିଷ୍ପତି ନେବାର ଅଧିକାର ଶରକ୍ଷିତ ରଖିଛନ୍ତି । ଯଦି ଏହି ସମ୍ପର୍କରେ କୌଣସି ଆଇନିଗତ ବିବାଦ ଉପୁଜେ ତେବେ ତାହା ନିମାପଡା ବିଜ୍ଞାପିତ ଅଞ୍ଚଳ ଇଲାକା ନ୍ୟାୟିକ ସୀମା ମଧ୍ୟରେ ସମାଧାନ କରାଯିବ ।

xxv ) ମୋଟ ମାର୍କେଟ କଂପ୍ଲେକ୍ସ ଗୃହ ମଧ୍ୟରୁ ଏକଗୋଟି ଗୃହ ପରିଷଦ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ କିମ୍ବା ବିଶେଷ ଉଦେଶ୍ୟ ନିମନ୍ତେ ସଂରକ୍ଷିତ ରହିବ ।

୨ ) <u>ମାର୍କେଟ କଂପ୍ଲେକ୍ସ ଗୃହ ହସ୍ତାନ୍ତର / ସମର୍ପଣ</u>

i ) ଯଦି କୌଣସି ହିତାଧିକାରୀଙ୍କ ବୈଧ ଥିବା ସମୟରେ ମୃତ୍ୟୁ ଘଟେ କେବଳ ସେହି କ୍ଷେତ୍ରରେ ହିତାଧିକାରୀଙ୍କ ଆଇନିଗତ ଉତ୍ତରାଧିକାରୀ ଦୋକାନ ଗୃହକୁ ହସ୍ତାନ୍ତର କରାଯାଇପାରିବ । ଅନ୍ୟ କୌଣସି କ୍ଷେତ୍ରରେ ହସ୍ତାନ୍ତରକୁ ଅନୁମତି ପ୍ରଦାନ କରାଯାଇପାରିବ ନାହିଁ ।

ii ) ଦୋକାନ ଗୃହ ହସ୍ତାନ୍ତର ନିମନ୍ତେ ପ୍ରଶାସନିକ ଦେୟ ଟ.୨୦୦୦/- ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ପଡିବ ।

ସମୟକୁ ସମୟ ଏହା କର୍ତ୍ତୃପକ୍ଷଙ୍କ ଦ୍ୱାରା ବୃଦ୍ଧି କରାଯାଇପାରିବ ।

iii ) ଯଦି କୌଣସି ହିତାଧିକାରୀ ନିଜର ଦୋକାନ ଗୃହକୁ କର୍ତ୍ତୃପକ୍ଷଙ୍କ ନିକଟରେ ସମର୍ପଣ କରିବା ନିମନ୍ତେ ଇଚ୍ଛୁକ ହୁଅନ୍ତି ତେବେ ୧ ମାସ ପୂର୍ବରୁ ଆବେଦନ କରିବାକୁ ପଡିବ । ପୁନଶ୍ଚ ଯଦି କୌଣସି ବକେୟା ରାଶି ବାକି ଥାଏ ତେବେ ତାହାକୁ ସମ୍ପୃକ୍ତ ହିତାଧିକାରୀଙ୍କ ସୁରକ୍ଷା ଜମା ରାଶିରୁ ଆହରଣ କରାଯାଇ ଆପତ୍ତି ବିହୀନ ପ୍ରମାଣ ପତ୍ର ହସ୍ତଗତ ହେବାପରେ ସମର୍ପଣ ହେଇପାରିବ ।

iv ) କୌଣସି ଗୃହ ସମର୍ପଣ ହେତୁ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଖାଲି ହେଲେ ତାହାକୁ ତୁରନ୍ତ ଆବଣ୍ଟନ କରିବାପାଇଁ ପରିଷଦ କର୍ତ୍ତୃପକ୍ଷ ପଦକ୍ଷପ ନେବେ ।

v ) ଦୋକାନ ଗୃହ ଆବଣ୍ଟନ ସମର୍ପଣ ଓ ହସ୍ତାନ୍ତର ସମ୍ବଧୀୟ ଯେକୌଣସି ନିଷ୍ପତି ଓ କାର୍ଯ୍ୟାନୁଷ୍ଠାନ ସର୍ବମାନ୍ୟ ଅଟେ ।

10.2.25

କାର୍ଯ୍ୟନିର୍ବାହୀ ଅଧିକାରୀ
ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ

**Annexure - II**

## ବସ ଷ୍ଟାଣ୍ଡ (ପଶ୍ଚିମ ପାର୍ଶ୍ୱ )ଦୁଇତଳ ବିଶିଷ୍ଟ ଦୋକାନ ଗୃହ (ମାର୍କେଟ କଂପ୍ଲେକ୍ସ)ର

## ବିସ୍ତୃତ ବିବରଣୀ

| କ୍ରମ ସଂଖ୍ୟା | ମହଲା ସଂଖ୍ୟା | ଗୃହ ନଂ. | ଗୃହର ଆକାର | କ୍ଷେତ୍ରଫଳ | ମନ୍ତବ୍ୟ |
|---|---|---|---|---|---|
| 1 | ଭୂମିଷ୍ଠ ମହଲା (Ground Floor ) | 1 | 31'.0"x18'.1" +12'.2"x12'.0" | 560.58 + 146.00 =706.58 ବର୍ଗ ଫୁଟ | ବଡ ଗୃହ (Hall Room) |
| 2 | | 2 | 10'.0"x12'.0" | 120 (ବର୍ଗ ଫୁଟ) | |
| 3 | | 3 | 10'.0"x12'.0" | 120 (ବର୍ଗ ଫୁଟ) | |
| 4 | | 4 | 10'.0"x12'.0" | 120 (ବର୍ଗ ଫୁଟ) | |
| 5 | | 5 | 10'.0"x12'.0" | 120 (ବର୍ଗ ଫୁଟ) | |
| 6 | | 6 | 10'.0"x12'.0" | 120 (ବର୍ଗ ଫୁଟ) | |
| 7 | ପ୍ରଥମ ମହଲା (1st Floor ) | 7 | 31'.0"x18'.1" +12'.2"x12'.0" | 560.58 + 146.00 =706.58 ବର୍ଗ ଫୁଟ | ବଡ ଗୃହ (Hall Room) |
| 8 | | 8 | 10'.0"x12'.0" | 120 (ବର୍ଗ ଫୁଟ) | |
| 9 | | 9 | 10'.0"x12'.0" | 120 (ବର୍ଗ ଫୁଟ) | |
| 10 | | 10 | 10'.0"x12'.0" | 120 (ବର୍ଗ ଫୁଟ) | |
| 11 | | 11 | 10'.0"x12'.0" | 120 (ବର୍ଗ ଫୁଟ) | |
| 12 | | 12 | 10'.0"x12'.0" | 120 (ବର୍ଗ ଫୁଟ) | |

ବି.ଦ୍ର. : ଭୂମିଷ୍ଠ ମହଲା (Ground Floor ) ମାସିକ ଘର ଭଡା ବର୍ଗ ଫୁଟ ପ୍ରତି ଦର @ ୩୦/-

ପ୍ରଥମ ମହଲା (1st Floor) ମାସିକ ଘର ଭଡା ବର୍ଗ ଫୁଟ ପ୍ରତି ଦର @ ୨୫/-

20.2.25

କାର୍ଯ୍ୟନିର୍ବାହୀ ଅଧିକାରୀ
ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦ